# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**18 March - 2025**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ବଜେଟ୍ ଅଧିବେଶନର ସପ୍ତମ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ

— ୨୦୨୬ ମସିହା ଶେଷ ସୁଦ୍ଧା ରାଜ୍ୟର ବୃହତ୍ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷହେବ; କହିଲେ ବିଭାଗୀୟ ମନ୍ତ୍ରୀ

- ମହାନଦୀ ଅବବାହିକାରେ ୭ଟି ବ୍ୟାରେଜ୍ ନିର୍ମାଣ କରିବେ ରାଜ୍ୟ ସରକାର

- ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଏବଂ

- ରାଜ୍ୟର ଦେବୀପୀଠଗୁଡ଼ିକରେ ଚୈତ୍ର ବାସନ୍ତିକ ପର୍ବ ଆଜିଠାରୁ ହେଲା ଆରମ୍ଭ

## ବିଧାନସଭା

ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ସପ୍ତମ ଦିନରେ  ଆଜି ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହୋଇଥିଲା। ବୃହତ୍ ପାନୀୟ ଜଳ ପ୍ରକଳ୍ପ ବିଷୟରେ ଗୃହରେ ପ୍ରାୟ ୪୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ବିଧାୟକମାନେ ଆଲୋଚନାରେ ଭାଗନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ପ୍ରଶ୍ନୋତ୍ତର କାଳରେ ନାରୀ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଠିଆହୋଇ  ହାତରେ ପୋଷ୍ଟର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ବିଜେଡି ବିଧାୟକମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ବିଧାନସଭା-ଜଳପ୍ରକଳ୍ପ

ରାଜ୍ୟରେ ଆସନ୍ତା ୨୦୨୬ ମସିହା ଡିସେମ୍ବର ମାସ ସୁଦ୍ଧା ବୃହତ୍ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଏବଂ ସରକାରୀ ସ୍ତରରେ ପ୍ରତି ୧୫ ଦିନରେ ଗୋଟିଏ ଲେଖାଏଁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ସମୀକ୍ଷା କରାଯାଉଛି  ବୋଲି ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି।

ରାଜ୍ୟରେ ବୃହତ୍ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ବିଳମ୍ବ ନେଇ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ଏବଂ କେତେକ ଠିକା ସଂସ୍ଥାଙ୍କ

ଉପରେ ଜରିମାନା ଲଗାଯାଇଛି । ଆସନ୍ତା ଏକ ସପ୍ତାହ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଥିବା କମ୍ପାନୀଗୁଡ଼ିକର ମୁଖ୍ୟମାନଙ୍କୁ ନେଇ ଏକ ବୈଠକ କରାଯିବ । ତାଲିକାଭୁକ୍ତ କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ ନ କଲେ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯିବ ବୋଲି ଗୃହରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

## ନବ ଦାସ-ବୟାନ ରେକର୍ଡ

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତଃ ନବକିଶୋର ଦାସଙ୍କ ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀମାନେ ତାଙ୍କ ପରିବାର ସଦସ୍ୟ ମାନଙ୍କର ବୟାନ ରେକର୍ଡ କରିଛନ୍ତି ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଆଗତ ଏ ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ  ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ସ୍ୱର୍ଗତ ନବ କିଶୋର ଦାସଙ୍କ ମୃତ୍ୟୁର ତଦନ୍ତ କରିବା ପାଇଁ ପରିବାର ପକ୍ଷରୁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ମେଟ୍ରୋ ରୁଟ୍

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଅଦ୍ୟାବଧି ୩୯୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଏବଂ ବିବିଧ ଖର୍ଚ୍ଚ ବାବଦକୁ ରାଜ୍ୟ ସରକାର ଏହି ପରିମାଣର ଟଙ୍କା ଦେଇଛନ୍ତି ବୋଲି ଗୃହରେ ନଗର ଉନ୍ନୟନ ମନ୍ତ୍ରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ।

**-V/O-**

## ବିଧାନସଭା-ବ୍ୟାରେଜ୍

ମହାନଦୀ ଅବବାହିକାରେ ୭ଟି ବ୍ୟାରେଜ୍ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ପ୍ରଶ୍ନକାଳରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ନାୟକ କହିଛନ୍ତି, ମହାନଦୀ ଅବବାହିକାରେ ଜଳ ସଂରକ୍ଷଣ ପାଇଁ ବିଭାଗୀୟ ସ୍ତରରେ ଆଲୋଚନା ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ପରବର୍ତ୍ତୀ ପଦକ୍ଷେପ ଲାଗି ନିଷ୍ପତ୍ତି ନେଇଥିବା ଗୃହକୁ ଜଣାଇଛନ୍ତି। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, କୌଣସି ପାନୀୟ ଜଳ ପ୍ରକଳ୍ପର ବକେୟା ବିଜୁଳି ବିଲ୍ ପୈଠ ହୋଇ ନଥିଲେ ବିଦ୍ୟୁତ୍ ସଂଯୋଗ କଟାଯିବ ନାହିଁ।

## ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତା ୨୪ ତାରିଖରେ ନୟାଗଡ଼ ଜିଲ୍ଲା କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଏହା ସହିତ ଶବର ରାଜା ବିଶ୍ୱାବସୁ ଓ ଲଳିତାଙ୍କ ଜନ୍ମମାଟି ପରିଦର୍ଶନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତର ଦ୍ୱିତୀୟ ଦିନରେ ୨୫ ତାରିଖ ଦିନ କଟକ ରେଭେନ୍ସା

ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ଅନ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

## ଦେବେନ୍ଦ୍ର ପ୍ରଧାନ

ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ଶେଷକୃତ୍ୟ ଆଜି ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସାଂସଦ ସମ୍ବିତ୍ ପାତ୍ରଙ୍କ ସମେତ ବରିଷ୍ଠ ନେତା ଓ ବ୍ୟକ୍ତି ବିଶେଷ ସ୍ୱର୍ଗତ ପ୍ରଧାନଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷକୃତ୍ୟ ସମୟରେ ସ୍ୱର୍ଗତ ପ୍ରଧାନଙ୍କର ଦୁଇ ପୁଅ ଓ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କର ୮୪ ବର୍ଷ ବୟସରେ ଗତକାଲି ନୂଆଦିଲ୍ଲୀରେ ପରଲୋକ ହୋଇଥିଲା।

## ଆର୍‌ଟିଇ ନାମଲେଖା

ରାଜ୍ୟର ଘରୋଇ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ୍ ଅଧୀନରେ ଆଜିଠାରୁ ନାମଲେଖା ଆରମ୍ଭ ହୋଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ସଂଶୋଧିତ ବିଜ୍ଞପ୍ତି ଅନୁଯାୟୀ ଏପ୍ରିଲ ମାସ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ପଞ୍ଜିକରଣ ଜାରି ରହିବ । ଏପ୍ରିଲ ୩ ତାରିଖରୁ

୨୩ ତାରିଖ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀମାନେ ଯାଞ୍ଚ ପ୍ରକ୍ରିୟା ଶେଷ କରିବା ପରେ ୨୪ତାରିଖରେ ଚୂଡାନ୍ତ ମେଧାତାଲିକା ପ୍ରକାଶ ପାଇବ ।

## ଚୈତର ବାସନ୍ତିକ ପର୍ବ

ରାଜ୍ୟର ଦେବୀପୀଠଗୁଡ଼ିକରେ ଚୈତ୍ର ବାସନ୍ତିକ ପର୍ବ ଆଜିଠାରୁ ଆରମ୍ଭ ହୋଇଛି । ଦକ୍ଷିଣ ଓଡ଼ିଶା ତଥା ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଇଷ୍ଟଦେବୀ ମା'ତାରାତାରିଣୀଙ୍କ ପୀଠରେ ଚୈତ୍ରପର୍ବର ପ୍ରଥମ ମଙ୍ଗଳବାର ଯାତ୍ରାରେ ଲକ୍ଷାଧିକ ଭକ୍ତ ସମାଗମ ହୋଇଛନ୍ତି । ଆଜି ମନ୍ଦିର ଦୁଆରଫିଟା ନୀତି ପରମ୍ପରା ଅନୁସାରେ କରାଯାଇ ମଙ୍ଗଳ ଆଳତୀ, ଅବକାଶ, ମାଜଣା, ସିଙ୍ଗାର, ଅଭିଷେକ ଆଦି ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା । ମା' ତାରାତାରିଣୀ ଦୁଇଭଉଣୀ ମହାକାଳୀ ବେଶରେ ଦର୍ଶନ ଦେଉଛନ୍ତି ।

**ସୁବର୍ଣ୍ଣପୁର** ଜିଲ୍ଲାର ଶତାଧିକ ଦେବୀପୀଠରେ ଚୈତର ବାସନ୍ତିକ ପର୍ବ ଆଜିଠୁ ଆରମ୍ଭ ହୋଇଯାଇଛି । ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ସମେତ କୋଶଳେଶ୍ୱରୀ, ଚରଦେଇ, ରାମଚଣ୍ଡୀ ଓ ମା'ମେଟାକାନୀ ପରି ଦେବୀ ମନ୍ଦିର ଗୁଡିକରେ ଆଜି ସକାଳୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଦେବୀପୀଠଗୁଡ଼ିକରେ ଚଣ୍ଡୀପାଠ ଓ ହୋମଯଜ୍ଞ ହେଉଥିବାବେଳେ ସନ୍ଧ୍ୟାରେ ସପ୍ତଆଳତୀ ପାଇଁ ପ୍ରସ୍ତୁତି ଚାଲିଛି ।

## ରଥକାଠ-ସମ୍ବର୍ଦ୍ଧନା

ପୁରୀ ଶ୍ରୀବିଗ୍ରହମାନଙ୍କର ରଥଯାତ୍ରା ପାଇଁ ରଥକାଠ ଯୋଗାଇଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକୁ ପୁରୀ ଗଜପତି ମହାରାଜ ସମ୍ବର୍ଦ୍ଧିତ କରିଛନ୍ତି। ୨୦୨୩-୨୪ ମସିହା ରଥ ନିର୍ମାଣ ପାଇଁ ଫାଶୀ କାଠ ଯୋଗାଇଥିବା ପ୍ରାୟ ୮୦ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି ଆଗାମୀ ରଥଯାତ୍ରା ପାଇଁ ଫାଶୀ କାଠ ଦାନ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କର ତାଲିକା ପ୍ରସ୍ତୁତ କରାଯାଇଛି। ରଥକାଠ ଅଭାବ ପୂରଣ କରିବା ପାଇଁ ୧୦୬ଟି ବନପ୍ରକଳ୍ପ ସୃଷ୍ଟି କରାଯାଇଛି।

## ଜଗନ୍ନାଥ ମହୋତ୍ସବ

ଜଗନ୍ନାଥ ସଂସ୍କୃତି ଓ ଚେତନାର ବିସ୍ତାର ଲକ୍ଷ୍ୟରେ **ସୁବର୍ଣ୍ଣପୁର**ର ତ୍ରିବେଣୀ ସଂଗମସ୍ଥଳୀ ସ୍ୱର୍ଣ୍ଣ ପ୍ରୟାଗର ରାମେଶ୍ୱର ପୀଠରେ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେବ । ୭ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଜଗନ୍ନାଥଙ୍କ ୩୨ ବେଶ, ପଞ୍ଚକୁଣ୍ଡିୟ ଘୃତଯଜ୍ଞ, ଚବିଶ ପ୍ରହରୀ ନାମଯଜ୍ଞ, ଶ୍ରୀଜଗନ୍ନାଥଙ୍କ କଥାମୃତକୁ ନେଇ ବିଶିଷ୍ଟ ପ୍ରବାଚକଙ୍କ ପ୍ରବଚନ, ଭଜନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଗନ୍ନାଥ ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି।

## ପମ୍ପସେଟ ବଣ୍ଟନ

**ନବରଙ୍ଗପୁର** ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ପକ୍ଷରୁ ଚାଷୀଙ୍କୁ ପାଣି ପମ୍ପ ପ୍ରଦାନ କରାଯାଇଛି । ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରଜୀବ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନବରଙ୍ଗପୁର, ନନ୍ଦାହାଣ୍ଡି, ପାପଡ଼ାହାଣ୍ଡି, ତେନ୍ତୁଳିଖୁଣ୍ଟି, ଡାବୁଗାଁ ଏବଂ କୋଷାଗୁମୁଡ଼ା ବ୍ଲକ ଜନଜାତି ଜୀବିକା ପରିଷଦ ଦ୍ୱାରା ମନୋନୀତ ୧୩୦ ଜଣ ହିତାଧିକାରୀଙ୍କୁ ପମ୍ପସେଟ୍ ପ୍ରଦାନ କରିଥିଲେ । ଏହି ଯୋଜନା ଅଧୀନରେ ଚଳିତବର୍ଷ ଜିଲାରେ ୨୫୦ଟି ପମ୍ପସେଟ ଯୋଗାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ଆଇଟିଡିଏ ନବରଙ୍ଗପୁର ମାଧ୍ୟମରେ ଜିଲାର ୧୯୪ ରାଜସ୍ୱ ଗ୍ରାମରେ ଆଦିବାସୀମାନଙ୍କ ସାମୂହିକ ବିକାଶ ପାଇଁ ବିଭିନ୍ନ ଜୀବିକା ନିର୍ବାହ ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଉଛି ।

## ସୁନିତା ୱିଲିୟମ୍‌ଙ୍କ ପ୍ରତ୍ୟାବର୍ତ୍ତନ

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୯ ମାସରୁ ଅଧିକ ସମୟ ଅଟକି ରହିଥିବା ଭାରତୀୟ-ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍‌ସ, ବୁଚ୍ ୱିଲୋର୍‌ଙ୍କ ସହିତ ଅନ୍ୟ ଦୁଇଜଣ ମହାକାଶଚାରୀ ପୃଥିବୀ ପୃଷ୍ଠକୁ ଆଜି ଫେରିବା ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା-ନାସା ପକ୍ଷରୁ କୁହାଯାଇଛି । ଏହି ମହାକାଶଚାରୀମାନେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ବାହାରି ପୃଥିବୀକୁ ଭାରତୀୟ ସମୟ ଅନୁସାରେ ପୂର୍ବାହ୍ନ ୧୦ଟା

୩୫ ମିନିଟ୍‌ରେ ଯାତ୍ରା ଆରମ୍ଭ କରିଛନ୍ତି। ଭାରତୀୟ ସମୟ ଅନୁସାରେ ୧୭ ଘଣ୍ଟା ଯାତ୍ରା କରି ଆସନ୍ତାକାଲି ଭୋର୍ ୩ଟା ୨୭ ମିନିଟ୍‌ରେ ଆମେରିକାର ଫ୍ଲୋରିଡା ସମୁଦ୍ର ଉପକୂଳରେ  ଅବତରଣ କରିବେ ବୋଲି ନାସା ପକ୍ଷରୁ କୁହାଯାଇଛି । ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଟେଲିଭିଜନ, ନାସାର ଅଫିସିଆଲ୍ ୱେବ୍‌ସାଇଟ୍, ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ଦେଖିପାରିବେ ।